# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ସ୍ଥାନ - ସମ୍ମିଳନୀ କକ୍ଷ

ତାରିଖ – ୨୪.୦୨.୨୦୨୩

ଯାଜପୁର ଜିଲ୍ଲା ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ସ୍ୱାଧୀନତା ପରବ ୀ ଓଡ଼ିଆ କବିତାର ଚିତ୍ର ଓ ବୈଚିତ୍ର୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ତଥା ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ତ୍ରିଲୋଚନ ରାଉତ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାୟୀ ଓ ୪୮୮ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ଅଧ୍ୟାପକ ପବିତ୍ର ମୋହନ ମାହାଲା ପ୍ରମୁଖ ଯୋଗଦେଇ ବହୁ ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଯୁଗୀୟ ପରିବ ନ ସହ କବିତା କିପରି ରୂପ ପରିଗ୍ରହ କରିଛି, ସେ ସମ୍ବନ୍ଧରେ ପିଲାମାନଙ୍କୁ ଦୃଷ୍ଟାନ୍ତ ମାଧ୍ୟମରେ ଅବହିତ କରିଥିଲେ । ପ୍ରାଧ୍ୟାପକ ତ୍ରିଲୋଚନ ରାଉତ ପ୍ରଶ୍ନୋ ର ମାଧ୍ୟମରେ ଆଧୁନିକ କବିତାରେ ଯୁଗଯନ୍ତ୍ରଣାର ସ୍ୱର ସହ ସାଧାରଣ ବର୍ଗର ବିଭିନ୍ନ ସମସ୍ୟା ବାସ୍ତବ ଚିତ୍ର ରୂପାୟିତ ହେବା ସହ ଈଶ୍ୱରୀୟ ସମର୍ପଣର ଶାଶ୍ୱତ ଛବି କିପରି ପ୍ରକଟିତ ତାହା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । +୩ ତୃତୀୟ ବର୍ଷର ଛାତ୍ରୀ ରଶ୍ମିତା ମହାରଣା ଓ ପ୍ରଥମ ବର୍ଷର ଛାତ୍ରୀ ସୋନାଲିକା ରାଉତ ସେମାନଙ୍କର ଲିଖିତ ସଂଦର୍ଭ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭାଗୀୟ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପକ କିଶୋର କୁମାର ସାହୁ ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ ପୂର୍ବକ ଓଡ଼ିଆ ବିଭାଗ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଂପାନରେ ଓଡ଼ିଆ ଭାଷାସାହିତ୍ୟ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବାର୍ଷିକ ଛାତ୍ରଛାତ୍ରୀଗଣ ଉପସ୍ଥିତ ରହିବା ସହ ଇଂରାଜୀ ବିଭାଗର ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି, ଅଧ୍ୟାପକ ତପନ କୁମାର ମାଝୀ, ଇତିହାସ ବିଭାଗର ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି, ସମାଜଶାସ୍ତ୍ର ବିଭାଗର ଅଧ୍ୟାପକ ଶାନ୍ତନୁ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇ ପ୍ରଶ୍ନ ଉ ର କାର୍ଯ୍ୟକ୍ରମରେ ଭାଗନେ ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ପ୍ରଦୀପ କୁମାର ବରାଳ

ବିଭାଗୀୟ ମୁଖ୍ୟ

ଓଡ଼ିଆ ଭାଷା ସାହିତ୍ୟ ବିଭାଗ

ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ,

ନୂଆହାଟ, ଯାଜପୁର